بسم الله الرحمن الرحيم

**୨୮ ଜାନୁଆରୀ ୨୦୨୨ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

**ହଜରତ ମୁହମ୍ମଦ ସ.ଅ.ଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ଅବ୍‌ଦୁଲ୍ଲାଃ ବିନ୍ ଉସମାନ୍ ର.ଅ.ଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ; ହଜରତ ଅବୁବକର ର.ଅ.ଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ଆଜି ମଧ୍ୟ ସେହି ପରିପ୍ରେକ୍ଷୀରେ ଅଧିକ ଆଲୋଚନା କରିବି । ହମରାଉଲ୍ ଅସଦ୍ ଯୁଦ୍ଧ ପ୍ରସଙ୍ଗରେ ଉଲ୍ଲେଖ ରହିଛି, ଯେ ହଜରତ ମୁହମ୍ମଦ ମୁସ୍ତଫା ସ.ଅ ଶନିବାର ଦିନ ଓ୍ୱହଦ୍ କ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ କରିଥିଲେ । ତା'ପର ଦିନ ପ୍ରଭାତରେ ହଜରତ ଅବଦୁଲ୍ଲାଃ ବିନ୍ ଉମରୋ ବିନ୍ ଅଓ୍ୱଫ୍ ମୁଜନୀ କୁରୈଶ ମକ୍କାବାସୀଙ୍କ ପୁନଃ ଆକ୍ରମଣ କରିବାର ଆଶଙ୍କା ଓ ସେଥିପାଇଁ ପ୍ରସ୍ତୁତ ରହିବାର ସୂଚନା ଦେଲେ । ଏଥିରେ ହଜୁର ସ.ଅ ହଜରତ ଅବୁବକର ର.ଅ ଓ ହଜରତ ଉମର ର.ଅ.ଙ୍କ ସାଥିରେ ପରାମର୍ଶ କରିବା ପରେ ଶତ୍ରୁର ମୁକାବିଲା କରିବା ସକାଶେ ବାହାରି ଯିବାର ନିର୍ଣ୍ଣୟ କରି ଘୋଷଣା କଲେ, ଯେ ଆମମାନଙ୍କ ସହିତ ଏହି ଅଭିଯାନରେ କେବଳ ସେହି ସାହାବାମାନେ ପ୍ରସ୍ଥାନ କରିବେ ଯେ ଗତକାଲି (ଓ୍ୱହଦ୍) ଯୁଦ୍ଧରେ ସାମିଲ ଥିଲେ । ଏହି ଅବସରରେ ହଜୁର ସ.ଅ ଇସଲାମର ଧ୍ୱଜା ହଜରତ ଅଲୀ ର.ଅ ଏବଂ ଅନ୍ୟ ବର୍ଣ୍ଣନାନୁଯାୟୀ ହଜରତ ଅବୁବକର ର.ଅ.ଙ୍କୁ ପ୍ରଦାନ କରିଥିଲେ । ମୁସଲମାନମାନଙ୍କ ଏହି କ୍ଷୁଦ୍ରଦଳଟି ମଦିନା ଠାରୁ ଆଠ ମାଇଲ୍ ଦୂରରେ ଅବସ୍ଥିତ ହମରାଉଲ୍ ଅସଦ୍‌ରେ ପହଂଚିଥିଲା, ଯେ ଶତ୍ରୁମାନେ ଭୟଭୀତ ହୋଇ ମଦିନା ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟ ପରିହାର କରି ମକ୍କା ଫେରି ଯିବାକୁ ଶ୍ରେୟସ୍କର ମଣିଲେ ।

ବନୁ ନଜିର୍ ଯୁଦ୍ଧ ୪ହିଜ୍‌ରୀରେ ହୋଇଥିଲା । ହଜରତ ମୁହମ୍ମଦ ମୁସ୍ତଫା ସ.ଅ ଦଶ ଜଣ ସାହାବାଙ୍କ ସାଥିରେ ଯେଁଉମାନଙ୍କ ମଧ୍ୟରେ ହଜରତ ଅବୁବକର ର.ଅ ବନୁ ଆମିର'ର ଦୁଇ ଜଣ ନିହତଙ୍କ କ୍ଷତିପୂରଣ ଆଦାୟ କରିବା ସକାଶେ ଇହୁଦିଙ୍କ ନିକଟରେ ପହଂଚିଲେ । କିନ୍ତୁ ସେମାନେ ଆପଣଙ୍କୁ ନିଜ ସାଥିରେ ଭୋଜନ କରିବାର ନିମନ୍ତ୍ରଣ ଦେଲେ । ସେଠାରେ ହଜୁର ସ.ଅ ଏକ କାନ୍ଥ ସହିତ ସଂଲଗ୍ନ ହୋଇ ବସିଥିଲେ, କିନ୍ତୁ ଆପଣଙ୍କ ବିପକ୍ଷରେ ଇହୁଦିମାନେ ଷଡ଼ଯନ୍ତ୍ର କଲେ ଯେ ଆଜି ଏକ ସୁବର୍ଣ୍ଣ ସୁଯୋଗ ମିଳିଛି, ଏହିଠାରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅ.ଙ୍କର କାମ ତମାମ କରିଦେବା । ଉମରୋ ବିନ୍ ଜହାଶ୍ ଏହାର ସମର୍ଥନ କରି ପରାମର୍ଶ ଦେଲା, ଯେ ସେ ଉକ୍ତ ଅଟ୍ଟାଳିକାର ଛାତ ଉପରୁ ଏକ ପଥର ହଜୁର ସ.ଅ.ଙ୍କ ଉପରେ ପକାଇ ଦେବ । ସଲାମ୍ ବିନ୍ ମଶକମ୍ ନାମକ ଜଣେ ସର୍ଦାର ଇହୁଦିମାନଙ୍କ ଏପରି ଅମାନୁଷିକ କାର୍ଯ୍ୟ କରିବାରୁ ବିରତ ରହିବାର ପରାମର୍ଶ ଦେଲେ ଏବଂ କହିଲେ; ଏହା ପ୍ରତିଶୃତି ଭଙ୍ଗ କାର୍ଯ୍ୟ ଅଟେ । ତୁମେମାନେ ଯେଉଁ ଯୋଜନା କରୁଛ ସେମାନେ ତାହାର ନିଶ୍ଚିତ ସୁରାଗ ପାଇଯିବେ । ସୁତରାଂ ଏହିପରି ହିଁ ହେଲା ଏବଂ ଦୈବି ଖବର ମାଧ୍ୟମରେ ହଜୁର ସ.ଅ.ଙ୍କୁ ଇହୁଦିମାନଙ୍କ ଉକ୍ତ ଷଡ଼ଯନ୍ତ୍ର ସମ୍ପର୍କରେ ଅବଗତ କରାଗଲା । ବସ୍ତୁତଃ ହଜୁର ସ.ଅ ସେଠାରେ ନିଜ ସାଥିମାନଙ୍କୁ ଛାଡ଼ି ସଙ୍ଗେସଙ୍ଗେ ଉଠି ତୀବ୍ର ବେଗରେ ଚାଲି ଆସିଲେ । ସେଥିଅନ୍ତେ ହଜୁର ସ.ଅ ମୁହମ୍ମଦ ବିନ୍ ମୁସେଲମାଃଙ୍କୁ ବନୁ ନଜିର୍ ନିକଟକୁ ଏହି ସନ୍ଦେଶ ଦେଇ ପ୍ରେରଣ କଲେ ଯେ ତୁମେମାନେ ମୋ ସହର ଛାଡ଼ି ଚାଲିଯାଅ । କାରଣ ତୁମେମାନେ ଯେଉଁ ଷଡ଼ଯନ୍ତ୍ର କରିଥିଲ ତାହା ସ୍ୱଷ୍ଟ ବିଶ୍ୱାସଘାତକତା । ଏଥିପାଇଁ ହଜୁର ସ.ଅ

ଇହୁଦିମାନଙ୍କୁ ଦଶ ଦିନର ସମୟ ଦେଇଥିଲେ । କିନ୍ତୁ ଇହୁଦିମାନେ ଆପଣଙ୍କର ଏହି ଆଦେଶର ଅସ୍ୱୀକାର କରି କହିଲେ; ଆମେ ନିଜ ଭିଟାମାଟି ଛାଡ଼ି ଯିବୁ ନାହିଁ । ଏଥିରେ ହଜୁର[ସ.ଅ] ବନୁ ନଜିର୍ ଦୁର୍ଗର ଘେରାଉ କରିଥିଲେ । କିନ୍ତୁ ଇହୁଦିମାନଙ୍କ ସାହାଯ୍ୟ ପାଇଁ କେହି ହେଲେ ଆଗକୁ ଆସି ନଥିଲେ । ଐଶ୍ୱର୍ଯ୍ୟମୟ ପ୍ରଭୁ ସେମାନଙ୍କ ହୃଦୟରେ ଏପରି ଭୟ ଉଦ୍ରେକ କରିଥିଲେ, ଯେ ଶେଷରେ ସେମାନେ ଦେଶ ଛାଡ଼ି ଯିବାକୁ ବାଧ ହେଲେ । ହଜୁର[ସ.ଅ] ଅନ୍‌ସାରମାନଙ୍କ ଅନୁମତିକ୍ରମେ ବନୁ ନଜିର୍ ଯୁଦ୍ଧରୁ ପ୍ରାପ୍ତ ହୋଇଥିବା ମାଲେ ଗନିମତ୍ (ବିଜୀତ ସମ୍ପତ୍ତିରୁ ଅନ୍‌ସାରମାନଙ୍କୁ ବିରତ ରଖି) ପ୍ରବାସକାରୀଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଏଥିରେ ହଜରତ ଅବୁବକର[ର.ଅ] କହିଲେ; **ହେ ଅନସାରବୃନ୍ଦ ଅଲ୍ଲାଃତାଲା ତୁମମାନଙ୍କୁ ଏହି ତ୍ୟାଗର ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ।**

ବଦରୁଲ୍ ମୌଅଦ୍ ଯୁଦ୍ଧ ମଧ୍ୟ ୪ହିଜ୍‌ରୀରେ ହୋଇଥିଲା । ଅବୁ ସୁଫୟାନ୍ ଓ୍ୱହଦ୍ ରଣଭୂମିରୁ ପ୍ରତ୍ୟାବର୍ତ୍ତନ କରି ଏହି ଘୋଷଣା କରିଥିଲା ଯେ ଆସନ୍ତା ବର୍ଷ ଆମ ସାକ୍ଷାତ (ମୁକାବିଲା) ବଦରୁଲ୍ ସଫ୍‌ରା ସ୍ଥାନରେ ହେବ । ଏଥିରେ ହଜୁର[ସ.ଅ] ହଜରତ ଉମର [ର.ଅ]ଙ୍କୁ କହିଲେ; ତାଙ୍କୁ କହିଦିଅ ଯେ ଅଲ୍ଲାଃ ଚାହିଁଲେ ନିଶ୍ଚିତ ହେବ । ବଦର, ମଦିନାର ଦକ୍ଷିଣ-ପଶ୍ଚିମ ଦିଗରେ ୧୫୦କି.ମି ଦୂରତାରେ ଅବସ୍ଥିତ ଥିଲା । ଅନ୍ଧକାରମୟ ଯୁଗରେ ଉକ୍ତ ସ୍ଥାନରେ ପ୍ରତିବର୍ଷ ୧ଜିଲ୍ କାଏଦାରୁ ଆଠ ଦିନ ପର୍ଯ୍ୟନ୍ତ ସେଠାରେ ଏକ ବଡ଼ ଧରଣର ମେଳା ଲାଗୁଥିଲା । ଅବୁ ସୁଫିୟାନ୍'ର କହିବାନୁଯାୟୀ ଧାର୍ଯ୍ୟ ସମୟ ଯେତେବେଳେ ପାଖେଇ ଆସିଲା ସେତେବେଳେ ସେ ଭୟଭୀତ ହେଲା ଏବଂ ସେମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା ଯେ ବର୍ତ୍ତମାନ କ'ଣ କରିବା । ଶେଷରେ ଅବୁ ସୁଫିୟାନ୍ ସମଗ୍ର ଆରବ ଦେଶରେ ଏହି ଖବର ପରିବ୍ୟାପ୍ତ କରିଦେଲା ଯେ ସେମାନେ ମୁସଲମାନମାନଙ୍କ ବିପକ୍ଷରେ ଏକ ବିଶାଳ ସେନା ବାହିନୀ ଏକତ୍ରିତ କରିଦେଇଛନ୍ତି ଯଦ୍ୱାରା ମୁସଲମାନମାନେ ଏହି ଖବର ଶୁଣି ବିଚଳିତ ହୋଇଯିବେ ଏବଂ ସେମାନଙ୍କ ମୁକାବିଲା କରିବାକୁ ଆସିବେ ନାହିଁ । ଏକ ବର୍ଣ୍ଣନାନୁଯାୟୀ ହଜରତ ଅବୁବକର[ର.ଅ] ଓ ହଜରତ ଉମର[ର.ଅ] ମଧ୍ୟ ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ ନିବେଦନ କଲେ, ଯେ ହେ ଅଲ୍ଲାଃଙ୍କ ରସୁଲ୍[ସ.ଅ]! ଅଲ୍ଲାଃତାଲା ନିଶ୍ଚିତ ରୂପେ ନିଜ ଧର୍ମକୁ ବିଜୟ ମଣ୍ଡିତ କରିବେ ଏବଂ ନିଜ ପ୍ରିୟ ନବୀଙ୍କୁ ମର୍ଯ୍ୟାଦା ପ୍ରଦାନ କରିବେ । ଆମେମାନେ ପ୍ରତିଜ୍ଞା କରିଥିଲୁ, ଯେ ଆମେ କଦାପି ତାହାର ବିରୁଦ୍ଧାଚରଣ କରିବୁ ନାହିଁ । ଅମାନ୍ୟକାରୀ ଆମକୁ କାପୁରୁଷ ଗଣନା କରୁଛି । ଆପଣ ପ୍ରଭୁଙ୍କ ପ୍ରତିଶୃତି ମୁତାବକ ପ୍ରସ୍ଥାନ କରନ୍ତୁ । ସୁନିଶ୍ଚିତ ରୂପେ ଏଥିରେ ଆମର ମଙ୍ଗଳ ହିଁ ଅନ୍ତର୍ନିହିତ । ଏହି ଭାବାବେଗ ଶୁଣିବା ପରେ ହଜୁର[ସ.ଅ] ଅତି ପ୍ରସନ୍ନିତ ହୋଇ ଉଠିଲେ । ହଜୁର[ସ.ଅ] ୧୫୦୦ ସାହାବାମାନଙ୍କ ସାଥିରେ ବଦର ଅଭିମୁଖେ ବାହାରିଗଲେ କିନ୍ତୁ ଅବୁ ସୁଫିୟାନ୍ ସେଠାରେ ପହଂଚିଲା ନାହିଁ । ହଜରତ ମିର୍ଜା ବଶିର ଅହେମଦ ସାହେବ କୁହନ୍ତି; ଇଲାମୀୟ ସେନା ଉକ୍ତ ସ୍ଥାନରେ ଆଠ ଦିନ ପର୍ଯ୍ୟନ୍ତ ଶତ୍ରୁର ପ୍ରତିକ୍ଷାରେ ଅବସ୍ଥାନ କରିଥିଲେ । ସେହିଠାରେ ଚାଲିଥିବା ମେଳାରେ ସାହାବାଗଣ ବ୍ୟବସାୟ କରି ବେଶ୍ ଲାଭବାନ ହୋଇଥିଲେ, ଏପରିକି ସେମାନଙ୍କ ମୂଳଧନ ଦୁଇଗୁଣିତ ହୋଇଯାଇଥିଲା ।

ବନୁ ମୁସ୍ତଲିକ୍ ଯୁଦ୍ଧ ଶାବାନ୍ ମାସ ୫ହିଜ୍‌ରୀରେ ହୋଇଥିଲା । ବନୁ ମୁସ୍ତଲିକ୍ ଯୁଦ୍ଧର ଅନ୍ୟ ନାମ ମରିସିଈ ଯୁଦ୍ଧ ଅଟେ । ହଜୁର [ସ.ଅ]ଙ୍କୁ ଏହି ସୂଚନା ମିଳିଲା ଯେ ବନୁ ମୁସ୍ତଲିକ୍ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାର ଯୋଜନା ପ୍ରସ୍ତୁତି କରୁଛନ୍ତି । ବସ୍ତୁତଃ ହଜୁର[ସ.ଅ] ୭୦୦ ସାହାବାମାନଙ୍କ ସାଥିରେ ବନୁ ମୁସ୍ତଲିକ୍ ଆଡ଼କୁ ଅଗ୍ରସର ହେଲେ । ଏକ ବର୍ଣ୍ଣନାନୁଯାୟୀ ପ୍ରବାସକାରୀଙ୍କ ଧ୍ୱଜା ହଜରତ ଅବୁବକର [ର.ଅ]ଙ୍କ ନିକଟରେ ଥିଲା ।

ଉଫକ୍ ଘଟଣା ଅର୍ଥାତ ହଜରତ ଆଏଶା[ର.ଅ] ଯେ କି ହଜରତ ଅବୁବକର [ର.ଅ]ଙ୍କର ସୁପୁତ୍ରୀ ଥିଲେ, ତାଙ୍କ ଉପରେ କପଟବିଶ୍ୱାସୀମାନେ ଏକ ଲାଂଛନା ଲଗାଇଥିଲେ । ଯାହାକି ବନୁ ମୁସ୍ତଲିକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଘଟିଥିଲା । ସହି ବୁଖାରୀରେ ହଜରତ ଆଏଶା [ର.ଅ]ଙ୍କର ବର୍ଣ୍ଣନା ଦରଜ ରହିଛି, ଯେ ଉକ୍ତ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଏକ ରାତ୍ରରେ ହଜରତ ଆଏଶା[ର.ଅ] ଶୌଚ ହେବାକୁ ଗଲେ । ଫେରିବା ପରେ ଆପଣ ନିଜ ଗଳାରେ ଥିବା ଅଯଫାର୍‌ର ହାର ପାଇଲେ ନାହିଁ । ବସ୍ତୁତଃ ତାହାର ଅନ୍ୱେଷଣରେ ଆପଣ ସେହି ସ୍ଥାନ ଆଡ଼କୁ ପୁନଃ ଚାଲିଗଲେ । ସେଠାରୁ ଯେତେବେଳେ ନିଜ ଲୋକମାନଙ୍କ ଗହଣକୁ ଫେରିଲେ ସେତେବେଳକୁ ସେନା ସେଠାରୁ ପ୍ରସ୍ଥାନ କରି

ଯାଇଥିଲା । ସଫୱାନ୍ ବିନ୍ ମୌତଲ୍ ଯେ ମୁସଲମାନ ସେନା ପଛପଛେ ଆସୁଥିଲେ । ସେ ହଜରତ ଆଏଶା ର.ଅଙ୍କୁ ଦେଖି ତାଙ୍କୁ ସସମ୍ମାନେ ଓଟ ଉପରେ ବସାଇ ଯାତ୍ରା କରି ମୁସଲମାନମାନଙ୍କ ନିକଟରେ ପହଂଚି ଗଲେ । ମଦିନା ପହଂଚିବା ପରେ ହଜରତ ଆଏଶାର.ଅ ଅସୁସ୍ଥ ହୋଇଗଲେ । ଅପରପାର୍ଶ୍ୱରେ ଆପଣଙ୍କ ପ୍ରସଙ୍ଗରେ ଉକ୍ତ ଘଟଣାକୁ କେନ୍ଦ୍ର କରି କପଟବିଶ୍ୱାସୀମାନେ ନାନା କଥା ପ୍ରଘଟ କରିବା ଆରମ୍ଭ କରିଦେଲେ । ହଜରତ ଆଏଶାର.ଅ କୁହନ୍ତି; ସେ ସମସ୍ତ ପ୍ରସଙ୍ଗରୁ ମୁଁ ଅଜ୍ଞ ଥିଲି କିନ୍ତୁ ଏହା ମୋତେ ଅଧିକ ଅସ୍ଥିର କରି ରଖିଥିଲା, ଯେ ରୋଗଶଯ୍ୟାରେ ପଡ଼ିଥିବା ସତ୍ତ୍ୱେ ହଜୁର ସ.ଅଙ୍କର ମୋ ପ୍ରତି ସେଭଳି ସମବେଦନାପୂର୍ଣ୍ଣ ପ୍ରତିକ୍ରିୟା ନଥିଲା । ଯେତେବେଳେ ମୁଁ ସେହି ଉତ୍ପୀଡ଼ନ ମୂଳକ କଥନ ଶୁଣିଲି ସେତେବେଳେ ମୋର ବ୍ୟାଧି ଅଧିକ ବଢ଼ିଗଲା । ଅତଏବ ଆପଣ ହଜୁର ସ.ଅଙ୍କ ଠାରୁ ଅନୁମତି ହାସଲ କରି ନିଜ ବାପଘରକୁ ଚାଲି ଆସିଲେ । ହଜୁରସ.ଅ ଏହି ପ୍ରସଙ୍ଗରେ ହଜରତ ଉସାମା ବିନ୍ ଜୈଦ୍ର.ଅ ଓ ହଜରତ ଅଲୀ ର.ଅଙ୍କ ସହିତ ପରାମର୍ଶ କଲେ । ହଜରତ ଆଏଶାର.ଅ କୁହନ୍ତି; ମୁଁ ସାରା ଦିନ ରୋଦନ କରି ବିତାଇଲି ଏବଂ ମୋ ନୟନରୁ ଅଶ୍ରୁ ଝରିବା ଥମିଲା ନାହିଁ । ଗୋଟିଏ ମାସ ଏହିପରି ଅତିବାହିତ ହୋଇଗଲା । ସେଥିଅନ୍ତେ ଏକଦା ହଜୁରସ.ଅ କହିଲେ; ହେ ଆଏଶା ! ଯଦି ତୁମେ ନିର୍ଦ୍ଦୋଷ ତେବେ ଅଲ୍ଲାଃତାଲା ନିଶ୍ଚିତ ରୂପେ ତୁମର ସତ୍ୟତା ପ୍ରତିପାଦନ କରିଦେବେ । କିନ୍ତୁ ଯଦି ତୁମେ କୌଣସି ଭୁଲ କରିଛ ତେବେ ଅଲ୍ଲାଃତାଲା ସମ୍ମୁଖେ କ୍ଷମା ଯାଚନା କର । ଏଥିରେ ହଜରତ ଆଏଶାର.ଅ ନିଜ ପିତାମାତାଙ୍କର ମୌନ ରହିବା ପରିଲକ୍ଷିତ କରି କହିଲେ; ଅଲ୍ଲାଃଙ୍କ ରାଣ ! ମୁଁ ଜାଣି ପାରିଛି ଯେ ମୋ ପ୍ରସଙ୍ଗରେ ସେହି ସମସ୍ତ ଅକଥନୀୟ ଅଭିଯୋଗ ଆପଣମାନଙ୍କ ମନରେ ବସା ବାନ୍ଧି ଯାଇଛି । ଅଲ୍ଲାଃଙ୍କ ରାଣ ! ମୁଁ ନିଜ ଓ ଆପଣମାନଙ୍କ ଉଦାହରଣ ୟୁସୁଫଙ୍କ ପିତାଙ୍କ ପରି ଦେଖୁଅଛି । ଯେ କହିଥିଲେ; ଫସବ୍ରୁନ୍ ଜମିଲୁନ୍ ୱଲ୍ଲାହୁଲ୍ ମୁସ୍ତାଆନୁ ଅଲା ମାତସିଫୁନ୍ ଅର୍ଥାତ ମୋ ପାଇଁ ଧୈର୍ଯ୍ୟ ରକ୍ଷା କରିବା ହିଁ ସର୍ବୋତ୍ତମ । ଯାହା ତୁମେମାନେ କହୁଅଛ ସେଥିରୁ ମୋର ଦୟାବାନ ଅଲ୍ଲାଃ ହିଁ ମୋତେ ଉଦ୍ଧାର କରିବେ ଏବଂ ତାଙ୍କୁ ହିଁ ସାହାଯ୍ୟ ଭିକ୍ଷା କରିବା ଉଚିତ୍ । ସେଥି ସଙ୍ଗେସଙ୍ଗେ ହଜୁର ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେଲା । ଯେତେବେଳେ ହଜୁର ସ.ଅଙ୍କ ଉପରୁ ସେହି (ଦୈବି) ଅବସ୍ଥା ଅପସରି ଗଲା ସେତେବେଳେ ଆପଣଙ୍କ ପବିତ୍ର ମୁଖ ମଣ୍ଡଳରେ ଆନନ୍ଦର ଭାବ ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା । ଆପଣସ.ଅ କହିଲେ; ହେ ଆଏଶା ! ଅଲ୍ଲାଃଙ୍କ ପ୍ରଶଂସା ଗାନ କର, ସେ ତୁମ ପବିତ୍ରତା ପ୍ରକାଶ କରିଦେଇଛନ୍ତି । ଏଥିରେ ହଜରତ ଆଏଶା ର.ଅଙ୍କ ମାତା ତାଙ୍କୁ କହିଲେ; ଆଏଶା ଉଠ ଏବଂ ହଜୁର ସ.ଅଙ୍କ ନିକଟକୁ ଯାଅ । କିନ୍ତୁ ସେ ଉତ୍ତର ଦେଲେ ଅଲ୍ଲାଃଙ୍କ ରାଣ ! ମୁଁ ତାଙ୍କ ନିକଟକୁ ଯିବି ନାହିଁ । ଅଲ୍ଲାଃଙ୍କ ବ୍ୟତୀତ ମୁଁ ଅନ୍ୟ କାହାରି ମହିମା ଗାନ କରିବି ନାହିଁ ।

ହଜରତ ଅବୁବକରର.ଅ ଯେ ମୁସ୍ତାଃ ବିନ୍ ଅସାସାଙ୍କର ସମ୍ପର୍କୀୟ ହେବା ଯୋଗୁଁ ତାଙ୍କର ଖର୍ଚ୍ଚ ବହନ କରିଦେଉଥିଲେ । କାରଣ ସେ ଜଣେ ଅଭାବି ବ୍ୟକ୍ତି ଥିଲେ । କିନ୍ତୁ ଯେତେବେଳେ ଅଲ୍ଲାଃତାଲା ହଜରତ ଆଏଶା ର.ଅଙ୍କ ପବିତ୍ରତା ପ୍ରତିପାଦିତ କରିଦେଲେ ସେତେବେଳେ ଆପଣ ପ୍ରଣ କରିନେଲେ ଯେ ମୁସ୍ତାଃଙ୍କର ଆଉ ଖର୍ଚ୍ଚ ବହନ କରିବେ ନାହିଁ । ଏଥିରେ ଅଲ୍ଲାଃତାଲା ଏହି ଧର୍ମାଦେଶ ଅବତୀର୍ଣ୍ଣ କଲେ, ଯେ ତୁମମାନଙ୍କ ମଧ୍ୟରୁ ଧନାଢ଼୍ୟ ଲୋକମାନେ ନିଜ ନିକଟ ସମ୍ପର୍କୀୟ ଓ ଅଭାବି ଲୋକମାନଙ୍କର ସାହାଯ୍ୟ କରିବାକୁ ହାତ ଟାଣିନେବାର ପ୍ରତିଜ୍ଞା କରିବା ଉଚିତ୍ ନୁହେଁ । ଏହି ଆୟତ ଅବତୀର୍ଣ୍ଣ ହେବା ପରେ ହଜରତ ଅବୁବକରର.ଅ ମୁସ୍ତାଃଙ୍କର ଖର୍ଚ୍ଚ ପୂର୍ବ ପରି ବହନ କରିବା ଆରମ୍ଭ କରିଦେଲେ ।

ହଜରତ ମସିହ ମଉଦଅ.ସ କୁହନ୍ତି; ପରମେଶ୍ୱରଙ୍କ ସ୍ୱଭାବରେ ଏହା ଅନ୍ତର୍ଭୁକ୍ତ ଯେ ସେ ୱଇଦ୍ (ଶାସ୍ତି) ଭବିଷ୍ୟବାଣୀକୁ କ୍ଷମା ଯାଚନା, ଦୁଆ ଓ ଦାନଦକ୍ଷିଣା ଦ୍ୱାରା ଅପସାରଣ କରି ଦେଇଥାନ୍ତି ଏବଂ ମାନବ ଜାତିକୁ ମଧ୍ୟ ସେ ଏହି ଶିକ୍ଷା ଦେଇଛନ୍ତି । ଯେପରିକି ପବିତ୍ର କୁରଆନ ଓ ହଦିସ୍‌ରୁ ପ୍ରମାଣିତ ଯେ ହଜରତ ଆଏଶା ର.ଅଙ୍କ ବିରୁଦ୍ଧରେ କପଟବିଶ୍ୱାସୀମାନେ ଯେଉଁ ଅପବାଦ ପ୍ରଚାର କରିଥିଲେ । ସେଥିରେ କିଛି ସରଳ ଓ ନିଷ୍କପଟ ସାହାବା ମଧ୍ୟ କବଳିତ ହୋଇ ଯାଇଥିଲେ । ଜଣେ ସାହାବା ଏପରି ଥିଲେ, ଯେ ହଜରତ ଅବୁବକର ର.ଅଙ୍କ ଘରେ ଦୁଇ ବେଳା ନିଜର କ୍ଷୁଧା ନିବାରଣ କରୁଥିଲେ । କିନ୍ତୁ ତାଙ୍କର ଏହି ଷଡ଼ଯନ୍ତ୍ରକାରୀଙ୍କ ସହିତ ସାମିଲ ହେବା ଯୋଗୁଁ ହଜରତ ଅବୁବକରର.ଅ ପ୍ରତିଜ୍ଞା କରିଥିଲେ, ଯେ

ତାଙ୍କର ଏଭଳି ଆଚରଣ ଯୋଗୁଁ ଆଉ ମୁଁ ତାଙ୍କୁ ଭୋଜନ କରାଇବି ନାହିଁ । ବସ୍ତୁତଃ ଅଲ୍ଲାଃତାଲା ଏହି ଆଦେଶ ଅବତୀର୍ଣ୍ଣ କଲେ, ଯାହାକି ମୁଁ ଉପରେ ଆଲୋଚନା କରି ଆସିଲି । ଅର୍ଥାତ ତୁମମାନଙ୍କୁ ଆବଶ୍ୟକ ଯେ ତୁମେ ଦୟା ଓ କ୍ଷମା ମାର୍ଗକୁ ଆପଣାଅ । ପରିଣାମ ସ୍ୱରୂପ ଅଲ୍ଲାଃ ତୁମମାନଙ୍କ ଦୋଷ ମାର୍ଜନା କରିଦେବେ ଏବଂ ଅଲ୍ଲାଃ ଅଶେଷ ଦୟାବାନ ଓ ସଦା କରୁଣାମୟ । ସେତେବେଳେ ହଜରତ ଅବୁବକର[ର.ଅ] ନିଜର ସେହି ପ୍ରତିଜ୍ଞା ଭଙ୍ଗ କରି ପୂର୍ବ ପରି ତାଙ୍କୁ ଖାଦ୍ୟ ଖୁଆଇବା ଆରମ୍ଭ କରିଦେଲେ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏଥିଯୋଗୁଁ ଇସଲାମୀୟ ଶିକ୍ଷାରେ ଏହା ଅନ୍ତର୍ଭୁକ୍ତ ଯେ ଯଦି ଦଣ୍ଡ ଦେବା ଉଦ୍ଦେଶ୍ୟରେ କୌଣସି ପ୍ରତିଜ୍ଞା କରିନିଅ ତେବେ ତାହାକୁ ଭଙ୍ଗ କରିବା ସଚରିତ୍ରତା ଅଟେ । ଉଦାହରଣ ସ୍ୱରୂପ ଯଦି କେହି ନିଜ ସେବକ ମାମଲାରେ ଏହି ପ୍ରତିଜ୍ଞା କରେ ଯେ ମୁଁ ତାହାକୁ ନିଶ୍ଚିତ ରୂପେ ୫୦ ଜୋତା ମାଡ଼ ଦେବି । କିନ୍ତୁ ଯଦି ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରି କ୍ଷମା ଭିକ୍ଷା କରେ, କାକୁତି ମିନତି ହୁଏ ତେବେ ତାହାକୁ କ୍ଷମା କରିଦେବା ସୁନ୍ନତେ ଇସଲାମ (ଇସଲାମୀୟ ପରମ୍ପରା) ଅଟେ । ଅଲ୍ଲାଃଙ୍କ (କ୍ଷମା ଦେବା) ଆଚରଣରେ ରଙ୍ଗିଯାଅ ପଛେ କିନ୍ତୁ ନିଜ ପ୍ରତିଶ୍ରୁତି ଭଙ୍ଗ କର ନାହିଁ । **ମନେରଖ ମନୁଷ୍ୟକୁ ନିଜ ପ୍ରତିଶ୍ରୁତି ଭଙ୍ଗ କରିବା ପ୍ରସଙ୍ଗରେ (ପରକାଳରେ) ପଚରା ଯିବ କିନ୍ତୁ କାହାରିକୁ ଦଣ୍ଡ ଦେବାର ପ୍ରତିଜ୍ଞା ଭଙ୍ଗ କରିବାରେ ପଚରା ଯିବ ନାହିଁ ।**

ମକ୍କାର କୁରୈଶ ଗୋଷ୍ଠୀ ଓ ମୁସଲମାନମାନଙ୍କ ମଧ୍ୟରେ ତୃତୀୟ ବଡ଼ ଯୁଦ୍ଧ ଅହଜାବ୍ ଯୁଦ୍ଧ ହୋଇଥିଲା । ଯାହାକି ସୱାଲ୍ ମାସ ୫ହିଜ୍‌ରୀରେ ଘଟିଥିଲା । ବନୁ ନଜିର୍ ଗୋଷ୍ଠୀ ମଦିନାରୁ ବିତାଡ଼ିତ ହେବା ପରେ, ଖୈବର ସ୍ଥାନରେ ବସତି ସ୍ଥାପନ କରି ନେଇଥିଲେ । ସେଠାରେ ସେମାନେ ମକ୍କାବାସୀ ଓ ଅନ୍ୟାନ୍ୟ ଆରବର ଗୋଷ୍ଠୀ ସମୂହ ସହିତ ସନ୍ଧି ସ୍ଥାପନ କରି ନେଇଥିଲେ ଏବଂ ମୁସଲମାନମାନଙ୍କ ବିରୋଧରେ ଦଶ ହଜାର ସୈନ୍ୟଦଳ ଏକତ୍ରିତ କରିନେଇଥିଲେ । ଯେତେବେଳେ ହଜୁର [ସ.ଅ]ଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସାହାବାଙ୍କ ସାଥିରେ ପରାମର୍ଶ କଲେ ଏବଂ ହଜରତ ସଲମାନ୍ ଫାର୍ସିଙ୍କ ପରାମର୍ଶ କ୍ରମେ ମଦିନାର ଉତ୍ତର ଦିଗରେ ମାତ୍ର ଛ' ଦିନରେ ପାଖାପାଖି ସାଢେ ତିନି ମାଇଲ୍‌ର ସୁଡ଼ଙ୍ଗ ଖୋଦନ କରିଦେଲେ । ଏହି କାର୍ଯ୍ୟରେ କୌଣସି ଜଣେ ହେଲେ ମୁସଲମାନ ପଛରେ ରହିଯାଇ ନଥିଲେ । ଯେତେବେଳେ ହଜରତ ଅବୁବକର[ର.ଅ] ଓ ହଜରତ ଉମର [ର.ଅ]ଙ୍କୁ ମାଟି ଉଠାଇବାକୁ ଟୋକେଇ ମିଳିଲା ନାହିଁ ସେତେବେଳେ ସେମାନେ ନିଜ ପରିହିତ ବସ୍ତ୍ରରେ ମାଟି ବୋହି ନେବା ଆରମ୍ଭ କଲେ । ହଜରତ ଅବୁବକର[ର.ଅ] ମୁସଲମାନମାନଙ୍କ ଏକ ଦଳର ନେତୃତ୍ୱ ନେଇଥିଲେ । ପରବର୍ତ୍ତୀ ସମୟରେ ସେଠାରେ ଏକ ମସଜିଦ୍ ନିର୍ମାଣ କରି ଦିଆଯାଇଥିଲା ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଅବୁବକର [ର.ଅ]ଙ୍କ ଜୀବନୀ ଚର୍ଚ୍ଚା ଇନ୍‌ଶା ଅଲ୍ଲାଃ ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ସେଥିଅନ୍ତେ ହଜୁର ଅନଓ୍ୱର[ଅ.ବ] ଶ୍ରୀମତୀ ମୁବାରକା ବେଗମ୍ ସାହେବା ପତ୍ନୀ ମୁଖ୍‌ତାର ଅହେମଦ ଗୋନ୍ଦଲ ସାହେବ, ଶ୍ରୀମାନ ଅବଦୁଲ୍ ଓ୍ୱହିଦ୍ ସାହେବ ଓ ଶ୍ରୀମତୀ ସୟଦା ଓ୍ୱକାର ଅହେମଦ ସାହେବ ଆମେରିକା ନିବାସୀଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ଏବଂ ସମସ୍ତ ମୃତକଙ୍କ କ୍ଷମା ଯାଚନା ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ପାଇଁ ଦୁଆ ମଧ୍ୟ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।